# NATIONAL NEWS BULLETIN (ODIA)

**2 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବସନ୍ତ ପଞ୍ଚମୀ ପାଳନ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ଶେଷ ହେବ ପ୍ରଚାର ।

– ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ଆଜି ଆର୍‌କେ ପୁରମ୍‌ରେ ସାଧାରଣ ସଭାକୁ କରିବେ ସମ୍ବୋଧନ ।

- ଦେଶରେ ଚଳିତ ବର୍ଷ ଜାନୁଆରୀ ସୁଦ୍ଧା ମୋଟ୍ ସାମଗ୍ରୀ ଓ ସେବାକର ରାଜସ୍ୱ ଅର୍ଥ ଆଦାୟ ପରିମାଣ' ୧ ଲକ୍ଷ ୯୫ କୋଟିରୁ ଅଧିକ ।

- ନୂଆଦିଲ୍ଲୀସ୍ଥିତ ଆକାଶବାଣୀ ଭବନରେ 'ହର୍ କଣ୍ଠ ମେ' ଭାରତ' କାର୍ଯ୍ୟକ୍ରମର ଶୁଭାରମ୍ଭ ।

ଏବଂ

- ବାଇମାସ ଓଭାଲ ଷ୍ଟାଡିୟମରେ ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଫାଇନାଲରେ ଭାରତକୁ ବିଜୟ ପାଇଁ ୮ ୩ ରନ୍ ଆବଶ୍ୟକ ।

# ପ୍ରେଜ୍-ପିଏମ୍ ବସନ୍ତ ପଞ୍ଚମୀ

ଦେଶରେ ଆଜି ବସନ୍ତ ପଞ୍ଚମୀ' ସରସ୍ୱତୀ ପୂଜା ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କରାଯାଉଛି। ଏହି ଅବସରରେ ଲୋକମାନେ ଜ୍ଞାନର ଦେବୀ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରୁଛନ୍ତି। ଏହି ପର୍ବ ବସନ୍ତର ଆଗମନ, ନୂତନ ଆରମ୍ଭ ତଥା ପ୍ରକୃତିର ସୌନ୍ଦର୍ଯ୍ୟକୁ ସୂଚିତ କରିଥାଏ।

ବସନ୍ତ ପଞ୍ଚମୀ ଓ ସରସ୍ୱତୀ ପୂଜା ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶିକ୍ଷା ଓ ଜ୍ଞାନ ସହ ଜଡ଼ିତ ଏହି ଆନନ୍ଦମୟ ଅବସର ଦେଶର ସମସ୍ତ ନାଗରିକଙ୍କ ପାଇଁ ସୁଖ, ସମୃଦ୍ଧି ଓ ଜ୍ଞାନ ଆଣିଦେଉ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଦେଇ ଶୁଭକାମନା କରିଛନ୍ତି। ଏହି ଦିବସର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରି ରାଷ୍ଟ୍ରପତି ଭାରତକୁ ବିଶ୍ୱର ଜ୍ଞାନ କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିବା ପାଇଁ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ଶ୍ରୀ ମୋଦି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶୁଭେଚ୍ଛା ଜଣାଇଛନ୍ତି ।

# ଦିଲ୍ଲୀ-କ୍ୟାମ୍ପେନ

ଦିଲ୍ଲୀ ବିଧାନସଭା ନିର୍ବାଚନ ପ୍ରଚାର ପାଇଁ ଆଉ ଦୁଇ ଦିନ ବାକି ଥିବା ବେଳେ ରାଜନୈତିକ ଦଳଗୁଡ଼ିକ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଆମ୍ ଆଦମୀ ପାର୍ଟି, ବିଜେପି ଏବଂ କଂଗ୍ରେସର ପ୍ରମୁଖ ନେତାମାନେ ସେମାନଙ୍କ ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ ରାଲି ଏବଂ ରୋଡ୍ ସୋ' କରୁଛନ୍ତି।

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ ଆର.କେ ପୁରମରେ ଏକ ସାଧାରଣ ସଭାରେ ସମ୍ବୋଧନ କରିବେ। ଦଳର ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ ରାଜେନ୍ଦ୍ର ନଗର, ଚାନ୍ଦନୀ ଚୌକ ଏବଂ ଲକ୍ଷ୍ମୀ ନଗରରେ ଅନୁଷ୍ଠିତ ହେବାକୁ ଥିବା ରାଲିରେ ଯୋଗଦେବେ।

ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତା ତଥା ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ରୋଡ୍ ସୋ କରିବେ। ଦଳର ବରିଷ୍ଠ ନେତା ସଞ୍ଜୟ ସିଂହ ମଧ୍ଯ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଜନସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ମଧ୍ଯ ମୁସ୍ତାଫାବାଦ ନିର୍ବାଚନମଣ୍ଡଳୀରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ସେହିପରି ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧି ଏବଂ ପ୍ରିୟଙ୍କା ଗାନ୍ଧୀ ରାଜଧାନୀର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ରାଲି କରିବେ।
୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ଆସନ୍ତା ବୁଧବାର ନିର୍ବାଚନ ଅନୁଷ୍ଠିତ ହେବ ଏବଂ ଚଳିତ ମାସ ୮ ତାରିଖରେ ଭୋଟ୍ ଗଣତି ହେବ।

## ବଜେଟ୍ ବିହାର ଭକ୍ସ

ବିହାରରେ ସମାଜର ସବୁ ବର୍ଗର ଲୋକମାନେ କେନ୍ଦ୍ର ବଜେଟରେ ଥିବା ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ଶିଳ୍ପଠାରୁ ଆରମ୍ଭ କରି କୃଷି ପର୍ଯ୍ୟନ୍ତ ୨୦୨୫-୨୬ ବଜେଟରେ ବିହାରକୁ  ଗୁରୁତ୍ୱ ଦିଆଯାଇ ବୋଲି ସେମାନେ କହିଛନ୍ତି।

## ଜିଏସ୍‌ଟି- କଲେକସନ୍

୨୦୨୫ ମସିହା ଜାନୁଆରୀ ମାସରେ ମୋଟ ସାମଗ୍ରୀ ଓ ସେବା କର ରାଜସ୍ୱରେ ୧ ଲକ୍ଷ ୯୫ କୋଟିରୁ ଅଧିକ ଅର୍ଥ ଆଦାୟ ହୋଇଛି। ଯାହାକି ଗତ ବର୍ଷ ଜାନୁଆରୀ ମାସ ତୁଳନାରେ ୧୨ ଦଶମିକ ୩ ପ୍ରତିଶତ ଅଧିକ। ଚଳିତ ମାସ ଫେବୃଆରୀ ପାଇଁ କେନ୍ଦ୍ରୀୟ ଜିଏସ୍‌ଟି ଆଦାୟ ୩୬ ହଜାର ୭୭ କୋଟି ଟଙ୍କା ଏବଂ ରାଜ୍ୟ ଜିଏସ୍‌ଟି ୪୪ ହଜାର ୯୪୨ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି । ସମନ୍ୱିତ ଦ୍ରବ୍ୟ ଓ ସେବା କର ଆଦାୟ ପରିମାଣ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ଏବଂ ସେସ୍ ୧୩ ହଜାର ୪୧୨ କୋଟି ଟଙ୍କା ରହିଛି। ଲଦାଖରେ ସର୍ବାଧିକ ୩୯ ପ୍ରତିଶତ ଅଭିବୃଦ୍ଧି ହୋଇଥିବା ବେଳେ ନାଗାଲାଣ୍ଡ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଜିଏସ୍‌ଟି ରାଜସ୍ୱ ଗତବର୍ଷ ତୁଳନାରେ ୨୬ ପ୍ରତିଶତ ବୃଦ୍ଧି ପାଇଛି।

## ବାଂଲାଦେଶ- ରାଇସ୍

ଭାରତରୁ ଦ୍ୱିତୀୟ ପର୍ଯ୍ୟାୟରେ ରପ୍ତାନୀ କରାଯାଇଥିବା ଚାଉଳ ବାଂଲାଦେଶର ମଙ୍ଗଲା ବନ୍ଦରରେ ପହଞ୍ଚିଛି। ୧୬ ହଜାର ୪୦୦ ଟନ୍ ଚାଉଳ ନେଇ ଦୁଇଟି ଜାହାଜ ବନ୍ଦରରେ ଗତକାଲି ପହଞ୍ଚିଛନ୍ତି। ଧାମରା ବନ୍ଦରରୁ ଗୋଟିଏ ଜାହାଜ ୭ ହଜାର ୭୦୦ ଟନ୍ ଚାଉଳ ନେଇ ଆସିଥିବା ବେଳେ ଅନ୍ୟ ଏକ ଜାହାଜ କୋଲକାତା ବନ୍ଦରରୁ ୮ ହଜାର ୭୦୦ ଟନ୍ ଚାଉଳ ନେଇ ଆସିଛି। ମଙ୍ଗଲା ଖାଦ୍ୟ ନିୟନ୍ତ୍ରକଙ୍କ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଏକ ଚୁକ୍ତି ଅନୁଯାୟୀ ବାଂଲାଦେଶ ଭାରତରୁ ୩ ଲକ୍ଷ ଟନ୍ ଚାଉଳ ପାଇବାକୁ ଥିବାବେଳେ ୪୦ ପ୍ରତିଶତ ଚାଉଳ ମୋଙ୍ଗଲା ବନ୍ଦରରେ ଏବଂ ଅବଶିଷ୍ଟ ଚିଟଗାଙ୍ଗ ବନ୍ଦରରେ

ପହଁଞ୍ଚିବ । ଗତ ଜାନୁଆରୀ ୨୦ ତାରିଖରେ ଭାରତରୁ ପ୍ରଥମ ପର୍ଯ୍ୟାୟରେ ୫ ହଜାର ୭୦୦ ଟନ୍ ଚାଉଳ ପଠାଯାଇଥିଲା ।

## ମୁମ୍ବାଇ- କୋକେନ୍ ସିଜ୍

ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୀମା ଶୁଳ୍କ ଅଧିକାରୀମାନେ ଗତକାଲି ୧ ଦଶମିକ ୬୪୯ କେଜି ଚୋରା ନିଶାଦ୍ରବ୍ୟ ଜବତ କରିଛନ୍ତି । ଏହାର ବଜାର ମୂଲ୍ୟ ପ୍ରାୟ ୧୬ କୋଟି ୪୯ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି । ଏହି ମାମଲାରେ ଜଣକୁ ଗିରଫ କରାଯାଇଛି । ଗୁଇନ୍ଦା ସୂଚନା ଅନୁସାରେ, ବିଭାଗ ପକ୍ଷରୁ ଗତ ମାସ  ୨୭ ଓ ୨୮ ତାରିଖ ରାତିରେ ବ୍ରାଜିଲରୁ ପ୍ୟାରିସ୍ ଦେଇ ଆସୁଥିବା ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଥିଲା । ପାଞ୍ଚ ଦିନ ଧରି ଚାଲିଥିବା ଏହି ଅଭିଯାନରେ କୋକେନ୍ ଥିବା ସନ୍ଦେହରେ ଧଳା, ଭଙ୍ଗା ଆଦି ପଦାର୍ଥ ଥିବା ୧୭୦ଟି କ୍ୟାପସୁଲ ଜବତ କରାଯାଇଥିଲା । ଏହି ଔଷଧକୁ ଶରୀର ଭିତରେ ଲୁଚାଇ ସନ୍ଦିଗ୍ଧ ଜଣକ ସେବନ କରୁଥିଲେ । ନିଶାଦ୍ରବ୍ୟ ଚୋରାଚାଲାଣ ଆଇନ ୧୯୮୫ରେ ଧାରା ଅନୁଯାୟୀ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି ।

## ଗୁଜୁରାଟ- ଆକ୍ସିଡେଣ୍ଟ

ଗୁଜରାଟର ଡାଙ୍ଗ ଜିଲ୍ଲାରେ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଘରୋଇ ବସ୍ ଆଜି ଭୋର୍‌ରୁ ଗଭୀର ଘାଟିକୁ ଖସି ପଡ଼ିବାରୁ ୨ ମହିଳା ଓ ୩ ପୁରୁଷଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି । ଗୁରୁତର ୧୭ ଜଣଙ୍କୁ ଆୱାସ୍ଥିତ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ୪୮ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ବସ୍‌ଟି ଭାରସାମ୍ୟ ହରାଇ ପ୍ରାୟ ୩୫ ଫୁଟ ଘାଇ ଭିତରକୁ ଖସି ପଡ଼ିଥିଲା । ମହାରାଷ୍ଟ୍ରର ତ୍ରିମ୍ବକେଶ୍ୱରରୁ ତୀର୍ଥଯାତ୍ରୀଙ୍କୁ ନେଇ ବସ୍‌ଟି ଗୁଜରାଟର ଦ୍ୱାରକା ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା

ଘଟିଥିଲା । ତୀର୍ଥଯାତ୍ରୀମାନେ ମଧ୍ୟପ୍ରଦେଶର ଗୁନା, ଶିବପୁରୀ ଏବଂ ଅଶୋକ ନଗର ଜିଲ୍ଲାର ବୋଲି ଜଣାପଡ଼ିଛି ।

## ମହାକୁମ୍ଭ- ମହାରାଷ୍ଟ୍ର

ବସନ୍ତ ପଞ୍ଚମୀରେ ତୃତୀୟ ଅମୃତ ସ୍ନାନ ଅବସରରେ ପ୍ରୟାଗରାଜର ବିଭିନ୍ନ ରେଳ ଷ୍ଟେସନରୁ ରେଳ ବିଭାଗ ପକ୍ଷରୁ ୪୦୦ରୁ ଅଧିକ ମହାକୁମ୍ଭ ମେଳା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଏହା ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କ ପାଇଁ ନିରବଚ୍ଛିନ୍ନ ଯାତ୍ରା ପ୍ରଦାନ କରିବ । ତୃତୀୟ ଅମୃତ ସ୍ନାନ ଆସନ୍ତାକାଲି ଅନୁଷ୍ଠିତ ହେବ ବୋଲି ଆମ ପ୍ରତିନିଧି ସୂଚନା ଦେଇଛନ୍ତି ।

## ଆକାଶବାଣୀ- ହର କଣ୍ଠ ମେ ଭାରତ

ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଆକାଶବାଣୀ ଭବନରେ ଆକାଶବାଣୀର ମିଳିତ ସହଯୋଗରେ ଏକ ସ୍ୱତନ୍ତ୍ର ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ 'ହର କଣ୍ଠ ମେଁ ଭାରତ'ର ଶୁଭାରମ୍ଭ ହୋଇଛି । ଆଜିଠାରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ୨୧ଟି ଆକାଶବାଣୀ କେନ୍ଦ୍ରରୁ ସକାଳ ସାଢ଼େ ୯ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମକୁ ସଂସ୍କୃତି ମନ୍ତ୍ରଣାଳୟର ସଚିବ ଅରୁଣିଷ ଚାୱ୍ଲା ଏବଂ ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ– ସି.ଇ.ଓ. ଗୌରବ ଦ୍ୱିବେଦୀ ଉଦ୍‌ଘାଟନ କରିଥିଲେ । ଆକାଶବାଣୀର ମହାନିର୍ଦ୍ଦେଶକ ଡକ୍ଟର ପ୍ରଜ୍ଞା ପାଲିୱାଲ ଗୌର ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ ।

ସଂସ୍କୃତି ମନ୍ତ୍ରଣାଳୟର ସଚିବ ଅରୁଣିଷ ଚାୱ୍ଲା ଆକାଶବାଣୀକୁ ସୂଚନା ଦେଇ କହିଛନ୍ତି, 'ହର କଣ୍ଠ ମେଁ ଭାରତ' କାର୍ଯ୍ୟକ୍ରମ ଯୁବ

କଳାକାରମାନଙ୍କୁ ସେମାନଙ୍କ ପ୍ରତିଭାକୁ ଦେଶ ଆଗରେ ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମରେ ଶାସ୍ତ୍ରୀୟ, ଲୋକ ଓ ଆଦିବାସୀ ସମେତ ସମସ୍ତ ପ୍ରକାର ସଙ୍ଗୀତ ପରିବେଷଣ କରାଯିବ।

ସିଇଓ ପ୍ରସାର ଭାରତୀ ଶ୍ରୀ ଦ୍ୱିବେଦୀ କହିଛନ୍ତି, ଏହି କାର୍ଯ୍ୟକ୍ରମ ପ୍ରାୟ ୨୧ଟି ଆକାଶବାଣୀ କେନ୍ଦ୍ରରୁ ୬୦୦ରୁ ଅଧିକ କଳାକାରଙ୍କୁ ସେମାନଙ୍କ ପ୍ରତିଭା ଉପସ୍ଥାପନ କରିବାର ସୁଯୋଗ ପ୍ରଦାନ କରିବ।

## କାନାଡ଼ା ଚାଇନା- ୟୁଏସ୍ ଟାରିଫ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ଲଗାଯାଇଥିବା ଶୁଳ୍କର ପଦକ୍ଷେପ ସ୍ୱରୂପ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଦେଶକୁ ଆସୁଥିବା ୧୫୫ ବିଲିୟନ ଡଲାର ମୂଲ୍ୟର ଆମେରିକୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଛନ୍ତି। ଆଜି ଓଟାଓ୍ୱାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଟ୍ରୁଡୋ ଆସନ୍ତା ମଙ୍ଗଳବାରଠାରୁ ଆରମ୍ଭ ହେଉଥିବା ୩୦ ବିଲିୟନ ଡଲାର ଆମେରିକୀୟ ଆମଦାନୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିବା ଘୋଷଣା କରିଛନ୍ତି। ୨୧ ଦିନ ମଧ୍ୟରେ ୧୨୫ ବିଲିୟନ ଡଲାର ମୂଲ୍ୟର ଆମେରିକୀୟ ସାମଗ୍ରୀ ଉପରେ ସମାନ ଶୁଳ୍କ ଲାଗୁ କରିବାକୁ ସେ କହିଛନ୍ତି।

ଆମଦାନୀ ଉପରେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଆଦାୟ କରିବାକୁ ଆମେରିକାର ପଦକ୍ଷେପକୁ ଚୀନ୍ ବିରୋଧ କରିଛି। ନିଜର ସ୍ୱାର୍ଥରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ ବୋଲି ଚୀନ କହିଛି। ମୁଖପାତ୍ର ଆହୁରି ମଧ୍ୟ କହିଛନ୍ତି, ଆମେରିକାର ଏକତରଫା ଶୁଳ୍କ ବୃଦ୍ଧି ବିଶ୍ୱ ବାଣିଜ୍ୟ ସଂସ୍ଥା ନିୟମକୁ ଉଲ୍ଲଂଘନ କରୁଛି।

ଏହା ପୂର୍ବରୁ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସିନବମ୍ କହିଥିଲେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲଗାଯାଇଥିବା ଶୁଳ୍କର ମଧ୍ୟ ବିରୋଧ କରିଥିଲେ।

# କ୍ରିକେଟ-ଅଣ୍ଡର ୧୯

କୁଆଲା' ଲାମ୍ପୁରସ୍ଥିତ ବାଇମାସ ଓଭାଲ୍ ଷ୍ଟାଡିୟମରେ ଚାଲିଥିବା ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକା' ଭାରତ ପାଇଁ ୮୩ ରନ୍‌ର ବିଜୟ ଲକ୍ଷ୍ୟ ରଖିଛି। ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୦ ୱିକେଟ୍ ହରାଇ ୮୨ ରନ୍ ସଂଗ୍ରହ କରିଥିଲା। ବର୍ତ୍ତମାନ  ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୩ ଓଭରରେ କୌଣସି ୱିକେଟ୍ ନ ହରାଇ ୨୩ ରନ୍ ସଂଗ୍ରହ କରିଛି।

# ମେନ୍‌ସ କ୍ରିକେଟ୍ - ଇଣ୍ଡିଆ-ଇଂଲଣ୍ଡ

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଶୃଙ୍ଖଳାର ଆଜି ପଞ୍ଚମ ତଥା ଅନ୍ତିମ ମ୍ୟାଚ୍‌ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ । ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ଏହି ଶୃଙ୍ଖଳାରେ ଭାରତ ୩-୧ରେ ଜିତିସାରିଛି । ପ୍ରଥମ ଦୁଇଟି ଓ ଚତୁର୍ଥ ମ୍ୟାଚ୍ ଭାରତ ଜିତିଥିବାବେଳେ ଇଂଲଣ୍ଡ ତୃତୀୟ ମ୍ୟାଚ୍‌ରେ ବିଜୟ ଲାଭ କରିଥିଲା । ଏହି ଟି-ଟ୍ୱେଣ୍ଟି ସିରିଜ୍ ପରେ ଇଂଲଣ୍ଡ ଭାରତ ସହ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ମ୍ୟାଚ୍ ଖେଳିବ । ଆସନ୍ତା ୬, ୯ ଓ ୧୨ ତାରିଖରେ ଏହି ଦିନିକିଆ ମ୍ୟାଚ୍‌ଗୁଡ଼ିକ ଖେଳାଯିବ ।